# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ,ପାପଡାହାଣ୍ଡି

## ଜିଲ୍ଲା- ନବରଙ୍ଗପୁର

ବିଜ୍ଞାପନ ସଂଖ୍ୟା : ୨୦୩/୨୫ ତା: ୧୪.୩.୨୦୨୫

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପାପଡାହାଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ଖାଲି ପଡିଥିବା ନିମ୍ନ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଅଙ୍ଗନୱାଡି ସହାୟିକା ନିୟୋଜନ ନିମନ୍ତେ ସମ୍ପୃକ୍ତ ଗ୍ରାମ ର ମହିଳା ପାର୍ଥିନୀ ମାନଙ୍କ ଠାରୁ ONLINE PORTAL(http://engagement-awc.odisha.gov.in)ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଇଚ୍ଛୁକ ମହିଳା ପାର୍ଥିନୀ ମାନେ ତା ୧୫.୩.୨୦୨୫ ରିଖ ଠାରୁ ତା ୩୦.୩.୨୦୨୫ ରିଖ ସନ୍ଧ୍ୟା ୫.୩୦ ସୁଦ୍ଧା ONLINE ମାଧ୍ୟମରେ ଆବେଦନ କରିପାରିବେ ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ । ନିମ୍ନରେ ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ବିବରଣୀ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତ ର ନାମ | ସହାୟିକା ପଦ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ |
|---|---|---|
| ୧ | ସାନବାର୍ଲି | ବଡବାର୍ଲି |
| ୨ | ମଇଦଲପୁର | ତୁଳସୀ ପଦର |
| ୩ | ମାଝୀଗୁଡା | ଭାଲୁଖର |
| ୪ | ମାଝୀଗୁଡା | ତେନ୍ତୁଳିପଦର |
| ୫ | ଖୁଟୁବାଇ | ଡମ୍ପୁଗୁଡ଼ା |
| ୬ | ଖୁଟୁବାଇ | ଭିତେବଗୁଡା |
| ୭ | ସିରିଶି | ଚୁଇଁମାଟିଗୁଡା |
| ୮ | ଗାଦବା କତରା | ହରିଜନସାହି ଗାଦବାକତରା |

ଇଚ୍ଛୁକ ପାର୍ଥିନୀ ମାନେ Website : http://engagement-awc.odisha.gov.in ରେ Registration କରିବେ ଏବଂ publicsignup କରି (using UserName &Password )ନିର୍ଦ୍ଧାରିତ ତଥା ସମୟ ମଧ୍ୟରେ ଆବେଦନ କରି ତତ ସମ୍ପାଦିତ ପ୍ରାପ୍ତି ସ୍ୱୀକରଣ୍ଡି ପାଇ ପାରିବେ ।

ନିମ୍ନ ଲିଖିତ ଯୋଗ୍ୟତା ଥିବା ଇଚ୍ଛୁକ ପାର୍ଥିନୀ ଆବେଦନ କରିପାରିବେ ।

୧ ) ପାର୍ଥିନୀ ଙ୍କ ବୟସ ତା ୦୧.୦୧.୨୦୨୫ ରିଖ ସୁଦ୍ଧା ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୨ ) ପାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ସ୍ଥାୟୀ ବାସିନ୍ଦା ହୋଇଥିବେ । (ସ୍ଥାନୀୟ ତହସିଲଦାର ଙ୍କ ଠାରୁ ପାଇଥିବା ପ୍ରମାଣପତ୍ର ର ସହି ନକଲ ) ସଲଗ୍ନ କରିବେ ।

୩ ) ପାର୍ଥିନୀ ଙ୍କ ଶିକ୍ଷାଗତ ଯୋଗ୍ୟତା ଅନୂନ୍ୟ **ଯୁକ୍ତ ଦୁଇ** ପାସକିମ୍ବା ଦଶମ ଡିପ୍ଲୋମା ଇଞ୍ଜିନିୟରିଂ ପାସ ହୋଇଥିବା ଆବଶ୍ୟକ ।

୪) ପାର୍ଥିନୀ ଯେହେତୁ ଛୋଟ ଶିଶୁ ,ଗର୍ଭବତୀ ,ପ୍ରସୂତୀ ମା ଙ୍କ ପାଇଁ କାର୍ଯ୍ୟ କରିବେ ସେଥି ପାଇଁ ,ଓଡିଆ ଭାଷା ଜାଣିଥିବା ନିହାତି ଜାଣିଥିବା ଆବଶ୍ୟକ ।

୫) ସେ ରନ୍ଧନ କାର୍ଯ୍ୟ ପ୍ରତି ଇଚ୍ଛୁକ ଥିବେ ଏବଂ ଦୈନନ୍ଦିନ କେନ୍ଦ୍ରରେ ହେଉଥିବା କାର୍ଯ୍ୟ ରେ ଅଙ୍ଗନୱାଡି କର୍ମୀଙ୍କୁ ସାହାଯ୍ୟ କରିବେ ।

୬) ଅନାଥ ,ବିଧବା ଓ ଆଇନ ଗତ ଭାବେ ଛାଡପତ୍ର ହୋଇଥିବା ,ଯେଉଁ ମାନଙ୍କ ଅବଶକୀୟ ଶିକ୍ଷାଗତ ଯୋଗ୍ୟତା ଥିବ ସେହି ପାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ ।

୭) ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ /ହରିଜନ / ପଛୁଆ ବର୍ଗ ଲୋକ ସଂଖ୍ୟା କୁ ଆଧାର କରାଯାଇ ଅଧିକ ସଂଖ୍ୟକ ଜାତି ବର୍ଗ ର ବ୍ୟକ୍ତି କୁ ଚୟନ ସମୟରେ ପ୍ରାଧାନ୍ୟ ଦିଆଯିବ ।

୮) ପାର୍ଥିନୀ କୌଣସି ନିର୍ବାଚିତ ଲୋକ ପ୍ରତିନିଧି ପଦବୀ ରେ ଅବସ୍ଥାପିତ ନଥିବେ ।

୯) ସେ ସେହି ଅଞ୍ଚଳ ର ସ୍ଥାନୀୟ ବାସିନ୍ଦା ହୋଇଥିବେ ଏବଂ ସେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିବେ ।

ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣ ପତ୍ର :- (ସମସ୍ତ ପ୍ରମାଣ ପତ୍ର ର ଅବିକଳ ନକଲ ସଲଗ୍ନ କରିବେ )

୧ ) ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର ଓ ମାର୍କସିଟ (ଆଗ ଓ ପଛ ,ମାଟ୍ରିକ ପାସ , +୨ , +୩ ଓ ତଦୂର୍ଦ୍ଧ )

୨ ) ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ଆବେଦନ ସମୟକୁ ମିଶାଇ ତହସିଲଦାର ଙ୍କ ଠାରୁ ୦୬ ମାସ ମଧ୍ୟରେ )

୩ ) ଜାତିଗତ ପ୍ରମାଣ ପତ୍ର (ଆବେଦନ ସମୟକୁ ମିଶାଇ ତହସିଲଦାରଙ୍କ ଠାରୁ ୦୬ ମାସ ମଧ୍ୟରେ )

୪) ପାର୍ଥିନୀ ନିଜ ଦସ୍ତଖତ ,ଭୋଟର ପରିଚୟ ପତ୍ର ,ଆଧାର କାର୍ଡ ,ବର୍ତ୍ତମାନ ର ପାସପୋର୍ଟ ସାଇଜର ଫଟୋ ,ଅଙ୍ଗନୱାଡି କର୍ମୀ ଙ୍କ ଠାରୁ ନିଜ ଗୃହର ସର୍ଭେ ନମ୍ବର ଗୁଡିକୁ ଅନଲାଇନ ରେ upload କରିବେ ।

ବି.ଦ୍ର. ସମସ୍ତ ଆନୁଷଙ୍ଗିକ ପ୍ରମାଣ ପତ୍ର ର ନକଲ (Attestedcopy )ଅନଲାଇନ ଫର୍ମ ରେ ଅପଲୋଡ କରିବେ ।କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଅସମ୍ପୂର୍ଣ ତଥା ଆବଶ୍ୟକ ପ୍ରମାଣ ପତ୍ର upload ହୋଇ ନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।

ପ୍ରାପ୍ତ ହୋଇଥିବା ସମସ୍ତ ଅନଲାଇନ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ ।ଏଣୁ ନିଜର ମୂଳ ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରି ଙ୍କ କାର୍ଯ୍ୟାଳୟ ରେ ତା୧.୩.୨୦୨୫ ରିଖ ସମୟ ୧୧ଘଟିକା ରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ କମିଟି ଦ୍ୱାରା ହେଉଥିବା ଯାଞ୍ଚ ପ୍ରକ୍ରିୟା ରେ ଭାଗ ନେବେ ନଚେତ ,ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଖାରଜ ହୋଇଥିବା କିମ୍ବା କାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା online ୱେବସାଇଟ : http//engagement-awc. odisha.gov.in ମାଧ୍ୟମରେ ପ୍ରକାଶ କରାଯିବ ।ଯଦି କୌଣସି ଆବେଦନକାରୀଙ୍କ ଅଭିଯୋଗ ଥାଏ ,ସେମାନେ publiclogin ମାଧ୍ୟମରେ ଦାଖଲ କରିପାରିବେ ।

ଅଙ୍ଗନୱାଡି ସହାୟିକା ସରକାରୀ ପଦବାଚ୍ୟ ନହୋଇ ଏହା ଏକ ସ୍ୱେଚ୍ଛାସେବି ହୋଇଥିବାରୁ ଏହା ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ,ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମା ର ବ୍ୟବସ୍ଥା ନାହିଁ କିମ୍ବା ନିୟମିତ ଚାକିରି ନୁହେଁ ।ତେଣୁ ଓଡିଶା ସରକାରଙ୍କ ଓ. ଆର. ଡି ନିୟମ ୧୯୭୫ କିମ୍ବା ସଂସ୍ଥାନ ନିୟୋଜନ ଆଇନ ୧୯୫୯,ଏହି କ୍ଷେତ୍ରରେ ଲାଗୁହେବ ନାହିଁ କିମ୍ବା ସରକାରୀ ପଦାବାଚ୍ୟ ହେବ ବୋଲି କହି ପାରିବେ ନାହିଁ ।ସରକାରଙ୍କ ନିୟମ ଅନୁଯାୟୀ ମାସିକ ହାରରେ ପାରିଶ୍ରମିକ ଦିଆଯାଇଥାଏ ,ଯାହାକି ବର୍ତ୍ତମାନ ସ୍ଥଳେ ମାସକୁ **୫୦୦୦(ପାଞ୍ଚ ହଜାର)** ଟଙ୍କା ଦିଆଯାଉଛି ।

15/7/2025
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,ପାପଡାହାଣ୍ଡି

ପରିପତ୍ର ସଂଖ୍ୟା - ୩୬୦ /୨୫

ତାରିଖ: ୧୫.୭.୨୦୨୫

ଏହାର ଏକକିତାନକଲ ଉପ –ଜିଲ୍ଲାପାଳ ,ନବରଙ୍ଗପୁର –ତଥା –ଅଧକ୍ଷ –ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ,ନବରଙ୍ଗପୁର ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ,ପାପଡାହାଣ୍ଡି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

15/7/2025
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,ପାପଡାହାଣ୍ଡି

. ପରିପତ୍ର ସଂଖ୍ୟା: ୩୬୧/୨୫

ତାରିଖ : ୧୫.୭.୨୦୨୫

ଏହାର ଏକାକିତା ନକଲ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ , /ସମ୍ପୃକ୍ତ ଗ୍ରାମର ମହିଳା ସ୍ୱାସ୍ଥ୍ୟ କର୍ମୀ /ସମ୍ପୃକ୍ତ ମଣ୍ଡଳ ପରିଦର୍ଶୀକାଙ୍କ/ ସମ୍ପୃକ୍ତ ଗ୍ରାମର ସରପଞ୍ଚ ଙ୍କ ଅବଗତି ପାଇଁ ଇଟକୋ ଜାରି ନିମନ୍ତେ ପ୍ରେରଣ କରାଗଲା ।

15/7/2025
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,ପାପଡାହାଣ୍ଡି